# NATIONAL NEWS BULLETIN (ODIA)

## 17 March - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ବିହାର, ଓଡ଼ିଶା ଓ ହରିଆଣାର ୧୧ଟି ରାଜ୍ୟସଭା ଆସନ ନିର୍ବାଚନର ଫଳାଫଳ ପ୍ରକାଶିତ ।
- ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗରେ ପ୍ରଯୁକ୍ତିବିଦ୍ୟା ଆଧାରିତ ପଦକ୍ଷେପ ଉପରେ ଗୁରୁତ୍ୱ ।

– କେରଳମ୍‌ରେ ଆଜି ପହଞ୍ଚିବେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ।

- ଲୋକସଭାରେ ଆଜି ରେଳ ମନ୍ତ୍ରଣାଳୟ ଅନୁଦାନ ଦାବି ଉପରେ ହେବ ଆଲୋଚନା ।
- ଇରାନ୍‌ରେ ଥିବା ଭାରତୀୟଙ୍କ ପାଇଁ ପରାମର୍ଶବଳୀ ଜାରି କଲା ଭାରତୀୟ ଦୂତାବାସ ।

ଏବଂ

- ଫ୍ରାନ୍ସରେ ଆଜିଠାରୁ ଆରମ୍ଭ ହେଉଛି ଓର୍ଲିଆନ୍ସ ମାଷ୍ଟର୍ସ୍ ସୁପର୍ **300** ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ।

# ରାଜ୍ୟସଭା ଇଲେକସନ୍

ବିହାର, ଓଡ଼ିଶା ଏବଂ ହରିଆଣାରେ ୧୧ଟି ରାଜ୍ୟସଭା ଆସନ ପାଇଁ ହୋଇଥିବା ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି । ବିହାରର ସମସ୍ତ ୫ଟି ରାଜ୍ୟସଭା ଆସନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ. ବିଜୟୀ ହୋଇଛି । ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଓ ଶିବେସ ରାମ, ଜନତା ଦଳ ୟୁନାଇଟେଡ୍‌ର ନୀତିଶ କୁମାର ଓ ରାମନାଥ ଠାକୁର ଏବଂ ରାଷ୍ଟ୍ରୀୟ ଲୋକମୋର୍ଚ୍ଚାର ଉପେନ୍ଦ୍ର କୁଶୱାହ ଅଛନ୍ତି । ଏହି ନିର୍ବାଚନରେ ମହାଗଠବନ୍ଧନର ପ୍ରାର୍ଥୀ ପରାଜିତ ହୋଇଛନ୍ତି ।

ଓଡ଼ିଶାର ୪ଟି ଆସନ ମଧ୍ୟରୁ ବିଜେପି ୨ଟି, ବିଜେଡ଼ି ଗୋଟିଏ ଏବଂ ଅନ୍ୟଟି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଅକ୍ତିଆର କରିଛନ୍ତି । ବିଜେପିର ରାଜ୍ୟ ଶାଖା ସଭାପତି ମନମୋହନ ସାମଲ ଏବଂ ବର୍ତ୍ତମାନର ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ବିଜେଡ଼ିର ସଂତୃପ୍ତ ମିଶ୍ର ଏବଂ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦୀଲିପ ରାୟ ବିଜୟୀ ହୋଇଛନ୍ତି । ବିଜେଡ଼ି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ପରାସ୍ତ ହୋଇଛନ୍ତି । ଦଳୀୟ ହ୍ୱିପ୍‌କୁ ଅବମାନନା କରି ବିଜେଡ଼ି ଏବଂ କଂଗ୍ରେସ ବିଧାୟକ ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ରାୟଙ୍କ ସପକ୍ଷରେ କ୍ରସ୍ ଭୋଟିଂ କରିଥିବା ଜଣାପଡ଼ିଛି ।

ହରିଆଣାର ଦୁଇଟି ରାଜ୍ୟସଭା ଆସନ ମଧ୍ୟରୁ ଗୋଟିଏ ବିଜେପି ଏବଂ ଅନ୍ୟଟି କଂଗ୍ରେସ ସପକ୍ଷରେ ଯାଇଛି । ବିଜେପିର ସଞ୍ଜୟ ଭାଟିଆ ଏବଂ କଂଗ୍ରେସର କରମବୀର ସିଂହ ବୌଦ୍ଧ ବିଜୟୀ ହୋଇଛନ୍ତି । ୫ଟି ଭୋଟ୍ ଅବୈଧ ଘୋଷଣା କରାଯାଇଛି । ସେଥିମଧ୍ୟରୁ କଂଗ୍ରେସର ୪ଟି ଏବଂ ବିଜେପିର ଗୋଟିଏ ଅନ୍ତର୍ଭୁକ୍ତ । ସ୍ୱାଧୀନ ପ୍ରାର୍ଥି ଶତୀଶ ନନ୍ଦଲ ପରାଜିତ ହୋଇଛନ୍ତି ।

ପୂର୍ବରୁ ଗତ ମାସରେ ଘୋଷଣା କରାଯାଇଥିବା ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ମଧ୍ୟରୁ ୨୬ଟି ଆସନରେ ପ୍ରାର୍ଥି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି ।

## ଡବ୍ଲ୍ୟୁବି-ଇଲେକସନ୍ ସର୍ଭେଲାନ୍ସ

ପଶ୍ଚିମବଙ୍ଗରେ ଆଗମୀ ବିଧାନସଭା ନିର୍ବାଚନକୁ ସ୍ୱଚ୍ଛ ଏବଂ ଅବାଧ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ପ୍ରଯୁକ୍ତିବିଦ୍ୟା ଆଧାରିତ ପଦକ୍ଷେପ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ସମସ୍ତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂକୁ ବାଧ୍ୟତାମୂଳକ କରାଯାଇଛି । ୱେବ୍‌କାଷ୍ଟିଂ ସମ୍ଭବ ନ ଥିବା ବୁଥ୍‌ରେ ପୁନଃ ନିର୍ବାଚନ ନେଇ ବିଚାର କରାଯାଇପାରେ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୁହାଯାଇଛି । ରାଜ୍ୟରେ ଆୟୋଜିତ ହେବାକୁ ଥିବା ବଡ଼ ସମାବେଶ ଏବଂ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ଡ୍ରୋନ୍

ମାଧ୍ୟମରେ ତୀକ୍ଷ୍ଣ ନଜର ରଖାଯିବ । ରାଜ୍ୟର ୫୫ଟି ନିର୍ବାଚନ ମଣ୍ଡଳୀକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି ।

ନିର୍ବାଚନ ପରିସ୍ଥିତିକୁ ତଦାରଖ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ କରାଯାଉଛି । ପ୍ରଥମଥର ପାଇଁ ଏକ ପର୍ଯ୍ୟବେକ୍ଷକ ପ୍ରକୋଷ୍ଠ ମଧ୍ୟ ପ୍ରସ୍ତୁତ କରାଯାଇଛି । ୨୯୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜଣେ ଲେଖାଏଁ ସାଧାରଣ ପର୍ଯ୍ୟବେକ୍ଷକ ରହିବେ । ୨୮ଟି ପୁଲିସ୍ ଜିଲ୍ଲା ଏବଂ କମିଶନରେଟ୍‌ରେ ୨ ଜଣ ଲେଖାଏଁ ପୁଲିସ୍ ପର୍ଯ୍ୟବେକ୍ଷକ ନିଯୁକ୍ତ ହେବେ । ବୟସ୍କ ଏବଂ ଶାରିରୀକ ଭାବେ ଅକ୍ଷମ ଭୋଟରଙ୍କୁ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ପୃଥକ ସେଲ୍‌ର ମଧ୍ୟ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି ।

## କେରଳମ୍-ଆସେମ୍ବ୍ଲି

କେରଳମ୍ ବିଧାନସଭା ନିର୍ବାଚନ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଜି ସେଠାରେ ପହଞ୍ଚିବେ । ପୂର୍ବ ବ୍ୟବସ୍ଥା ଅନୁଯାୟୀ ସ୍ୱଚ୍ଛତ ତଥା ଅବାଧ ନିର୍ବାଚନକୁ ଦୃଷ୍ଟିରେ ରଖି କେରଳମ୍‌ରେ ଯଥେଷ୍ଟ ପୂର୍ବରୁ ୪୦ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପହଞ୍ଚିବାର ବ୍ୟବସ୍ଥା ହୋଇଛି । ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକଳାପ ଏବଂ ଖର୍ଚ୍ଚ ଉପରେ ତୀକ୍ଷ୍ଣ ନଜର ରଖାଯିବା ଲକ୍ଷ୍ୟ ନେଇ

ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରାୟ ୨୦ଟି ପ୍ରବର୍ତ୍ତନ ସଂସ୍ଥାକୁ ଏଥିପାଇଁ ନିୟୋଜନ କରାଯାଉଛି । ୮୫ ବର୍ଷ ବୟସରୁ ଅଧିକ ଭୋଟରଙ୍କ ମତଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି । ନିର୍ବାଚନ ପ୍ରକ୍ରିୟାରେ ଯୁବ ଭୋଟରଙ୍କ ଅଧିକ ଅଂଶଗ୍ରହଣକୁ ପ୍ରାଥମିକତା ପ୍ରଦାନ କରାଯାଉଛି । ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରସ୍ତୁତ ନିର୍ବାଚନ ଇସ୍ତାହାରକୁ ତିନି ଦିନ ମଧ୍ୟରେ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ପାର୍ଲାମେଣ୍ଟ ଟୁଡେ

ଲୋକସଭାରେ ଆଜି ରେଳ ମନ୍ତ୍ରଣାଳୟର ଅନୁଦାନ ଦାବି ଉପରେ ଅଧିକ ଆଲୋଚନା ହେବା ସହ ମତାମତ ଗ୍ରହଣ କରାଯିବ । ଆଲୋଚନାରେ ଅଂଶଗ୍ରହଣ କରି ଗତକାଲି ବିଜେପିର ଗଣେଶ ସିଂହ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ରେଳବାଇ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଛି । ନୂତନ ପ୍ରଯୁକ୍ତିବିଦ୍ୟା ପ୍ରଚଳନ ସହ ରେଳ ଯୋଗାଯୋଗ ମଧ୍ୟ ବ୍ୟାପକ ହୋଇଛି । ୨୦୧୩-୧୪ରେ ରେଳ ବଜେଟ୍ ୬୩ ହଜାର କୋଟି ଟଙ୍କା ଥିବା ବେଳେ ଏବେ ଏହା ୨ ଲକ୍ଷ ୭୮ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଆଲୋଚନା ଆରମ୍ଭ କରି

କଂଗ୍ରେସର ତାରିଖ ଅନୱ୍ୱାର ରେଳବାଇ କ୍ଷେତ୍ରରେ ଲକ୍ଷ୍ୟ ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ।

ଅନ୍ୟ ପକ୍ଷରେ ରାଜ୍ୟସଭାରେ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବ୍ୟୟବରାଦ ବିଲ୍ ୨୦୨୬ ଆଗତ କରିବାର କାର୍ଯ୍ୟସୂଚୀ ରହିଛି ।

## ଇରାନ୍-ଏମ୍ବାସି ଆଡଭାଇଜରୀ

ଇରାନ୍‌ରେ ଥିବା ପ୍ରବାସୀ ଭାରତୀୟଙ୍କ ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ପରାମର୍ଶବଳୀ ଜାରି କରାଯାଇଛି । ଦୂତାବାସ ସହ ବିନା ଆଲୋଚନାରେ କୌଣସି ସ୍ଥାନକୁ ଗସ୍ତ ନ କରିବାକୁ କୁହାଯାଇଛି । ଏପରିକି ଦୂତାବାସକୁ ସୂଚନା ପ୍ରଦାନ ନ କରି ଇରାନ୍ ଛାଡ଼ିବାକୁ ଚେଷ୍ଟା କରୁଥିବା ଭାରତୀୟ ନାଗରୀକ ଅତ୍ୟନ୍ତ ଗମ୍ଭୀର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି କୁହାଯାଇଛି । ଏଭଳି ସ୍ଥିତିରେ ଦୂତାବାସ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯିବା ସମ୍ଭବ ହେବ ନାହିଁ । ଦୂତାବାସ ପକ୍ଷରୁ କୁହାଯାଇଛି, ଭାରତୀୟ ସମ୍ପ୍ରଦାୟଙ୍କ ସହ ନିୟମିତ ଯୋଗାଯୋଗ ରକ୍ଷା କରାଯାଇଛି ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଉଛି । ପରାମର୍ଶବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଭାରତୀୟ ନାଗରୀକଙ୍କୁ ଦୂତାବାସ ପକ୍ଷରୁ ଅନୁରୋଧ କରାଯାଇଛି ।

# ଜୟଶଙ୍କର-ମିଟିଂ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କ ଜର୍ମାନ, ସ୍ଲୋଭାକିଆ, ଗ୍ରୀକ୍ ଏବଂ ଡଚ୍ ପ୍ରତିପକ୍ଷଙ୍କ ସହ ଗତକାଲି ସାକ୍ଷାତ ଆଲୋଚନା କରିଛନ୍ତି । ଜର୍ମାନ୍ ପ୍ରତିପକ୍ଷ ଜୋହାନ ୱାଡେଫୁଲ୍ଙ୍କ ସହ ଆଲୋଚନା କାଳରେ ଶ୍ରୀ ଜୟଶଙ୍କର ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତି ନେଇ ମତବିନିମୟ କରିଛନ୍ତି । ଫେଡ୍ରିଜ୍ ମର୍ଜଙ୍କ ଭାରତ ଗସ୍ତ ପରେ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ନେଇ ମଧ୍ୟ ଉଭୟ ପକ୍ଷ ଆଲୋଚନା କରିଥିବା ଜଣାପଡ଼ିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ଦେଇଥିବା ସୂଚନା ଅନୁଯାୟୀ ସ୍ଲୋଭାକିଆ ରାଷ୍ଟ୍ରପତି ପିଟର ପେଲେଗ୍ରୀନ୍ଙ୍କ ଭାରତ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଗତିଶୀଳ କରିଛି । ସ୍ଲୋଭାକିଆ ବୈଦେଶିକ ମନ୍ତ୍ରୀ ଜୁରାଜ୍ ବ୍ଲାନରଙ୍କ ସହ ଆଲୋଚନା କାଳରେ ଉଭୟ ନେତା ଉତ୍ପାଦନ, ପ୍ରତିରକ୍ଷା ଏବଂ ମହାକାଶ କ୍ଷେତ୍ରରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ନେଇ ମତବିନିମୟ କରିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି, ଗ୍ରୀକ୍ ପ୍ରତିପକ୍ଷ ଜିଓର୍ଗୋସ୍ ଜେରାପେଟ୍ରିଟିସ୍ ଓ ଡଚ୍ ବିଦେଶ ମନ୍ତ୍ରୀ ଟମ୍ ବେରେଣ୍ଡେସନ୍ଙ୍କ ସହ ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀରେ ପ୍ରସାରିତ ହେଉଥିବା ପଦ୍ମ ପୁରସ୍କାର ବିଜୟୀ ବିଜେତାଙ୍କ ସହ ଧାରାବାହିକ ଆଲୋଚନା କ୍ରମରେ ଆଜି ଚିରଞ୍ଜିଲାଲ ଯାଦବଙ୍କ ସହ ସାକ୍ଷାତକାର କାର୍ଯ୍ୟକ୍ରମ ପ୍ରସାରଣ କରାଯିବ । ହସ୍ତକଳା କ୍ଷେତ୍ରରେ ଶ୍ରୀ ଯାଦବ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବେ । ସାକ୍ଷାତକାର କାର୍ଯ୍ୟକ୍ରମଟି ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ସକାଳ ୯ଟା ୧୦ ମିନିଟ୍‌ରେ ପ୍ରସାରଣ କରାଯିବ । ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଆପ୍ ଏବଂ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ଏହି କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ।

## ଓସ୍କାର୍ ଆୱାର୍ଡ୍

୯୮ତମ ଏକାଡେମୀ ପୁରସ୍କାର ସମାରୋହରେ 'ୱାନ୍ ବ୍ୟାଟେଲ୍ ଆଫ୍‌ଟର ଆନାଦର୍' ଚଳଚ୍ଚିତ୍ର ଚଳିତ ବର୍ଷ ଶ୍ରେଷ୍ଠ ଚଳଚ୍ଚିତ୍ରର ମାନ୍ୟତା ପାଇଛି । ଲସ୍ ଏଞ୍ଜେଲେସ୍‌ର ଡଲ୍‌ବି ଥିଏଟର ଠାରେ ଆୟୋଜିତ ସମାରୋହରେ ଏହି ଚଳଚ୍ଚିତ୍ର ୬ଟି ପୁରସ୍କାର ପାଇଛି । ସିନର୍ସ୍ ଚଳଚ୍ଚିତ୍ର ଚାରୋଟି ପୁରସ୍କାର ପାଇଛି । 'ୱାନ୍ ବ୍ୟାଟ୍‌ଲ ଆଫ୍‌ଟର ଆନାଦର୍' ଶ୍ରେଷ୍ଠ ଚଳଚ୍ଚିତ୍ର ସହିତ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ମଧ୍ୟ ହାସଲ କରିଛି । ସିନର୍ସ୍ ଚଳଚ୍ଚିତ୍ର ପାଇଁ ମାଇକେଲ୍ ବି. ଜୋର୍ଡାନ୍ ଶ୍ରେଷ୍ଠ ଅଭିନେତା ଏବଂ ଜେ.ସି.

ବଫ୍‌ଲେ ହାମ୍‌ନେଟ୍ ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମନୋନୀତ ହୋଇଛନ୍ତି । ଚଳିତ ସଂସ୍କରଣରେ ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନ୍ସ ଓସ୍କାର ବିଜେତା ଜ୍ୟାଭିୟର୍ ବାର୍‌ଡେମ୍‌ଙ୍କ ସହ ମିଳିତ ଭାବେ ସର୍ବୋତ୍ତମ ଆନ୍ତର୍ଜାତିକ ଫିଚର୍ ଫିଲ୍ମ ପାଇଁ ପୁରସ୍କାର ପ୍ରଦାନ କରିଥିଲେ ।

## ବ୍ୟାଡ୍‌ମିଣ୍ଟନ୍

ଫ୍ରାନ୍ସରେ ଆଜିଠାରୁ ଓର୍ଲିଆନ୍ସ ମାଷ୍ଟର୍ସ ସୁପର୍ **300** ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି । ଏଥିରେ ଭାରତର କିଦାମ୍ବୀ ଶ୍ରୀକାନ୍ତ, ଆୟୁଷ ସେଟ୍ଟୀ ଓ ତନବୀ ଶର୍ମାଙ୍କ ସମେତ ପ୍ରମୁଖ ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି ।

ପୁରୁଷ ସିଙ୍ଗଲ୍ସ ବର୍ଗର ପ୍ରଥମ ରାଉଣ୍ଡରେ କିଦାମ୍ବୀ ଶ୍ରୀକାନ୍ତଙ୍କର ଡେନ୍‌ମାର୍କର ମ୍ୟାଗ୍‌ନସ୍ ଜୋହାନ୍‌ନେସେନ୍‌ଙ୍କ ସହିତ ମୁକାବିଲା ହେବାକୁ ଥିବା ବେଳେ ଆୟୁଷ ସେଟ୍ଟୀ ନିଜର ପ୍ରାରମ୍ଭିକ ମ୍ୟାଚ୍‌ରେ ଚାଇନିସ୍ ତାଇପେଇର ଲି ଚିଆ ହାଓଙ୍କୁ ଭେଟିବେ । ସେହିଭଳି କୀରଣ ଜର୍ଜ୍ ଏହି ବର୍ଗର ପ୍ରଥମ ମ୍ୟାଚ୍‌ରେ ଜାପାନ୍‌ର କେଣ୍ଟା ନିଶିମୋଟୋଙ୍କ ସହିତ ମୁକାବିଲା କରିବେ ।

ମହିଳା ସିଙ୍ଗଲ୍ସ ବର୍ଗରେ ତନ୍‌ବୀ ଶର୍ମା ଥାଲାଇଣ୍ଡର ସୁପାନିଦା କାଟେଥଙ୍ଗ୍ ଏବଂ ମାଳବିକା ବଂଶୋଦଙ୍କର ଚାଇନିସ୍ ତାଇପେଇର ସୁଙ୍ଗ୍ ସ୍ୱ ୟନ୍‌ଙ୍କୁ ଭେଟିବେ । ସେହିଭଳି ଭାରତର ରକ୍‌ସିତା ଶ୍ରୀ ସନ୍ତୋଷ ରାମରାଜ

ଜାପାନର ମାନାମି ସୁଇଜୁ ଏବଂ ଅନ୍‌ମୋଲ୍ ଖାର୍ବ୍ ତୁର୍କୀର ନେସଲିହାଁ ଆରିନ୍‌ଙ୍କ ମଧ୍ୟରେ ମୁକାବିଲା ହେବ ।

ପୁରୁଷ ଡବଲ୍ସ ବର୍ଗରେ ହରିହରନ ଆମସାକରୁନନ୍ ଓ ଏମ୍.ଆର୍. ଅର୍ଜୁନଙ୍କ ଯୋଡ଼ି ଚାଇନିସ୍ ତାଇପେଇର ଲାଇ ପୋ ୟୁ ଓ ସାଇ ଫୁ ଚେଙ୍ଗ୍‌ଙ୍କୁ ଭେଟିବାକୁ ଥିବା ବେଳେ ମହିଳା ଡବଲ୍ସ ବର୍ଗରେ ଭାରତୀୟ ଯୋଡ଼ି ଅଶ୍ୱିନୀ ଭଟ୍ କେ. ଓ ଶିଖା ଗୌତମଙ୍କ ଯୋଡ଼ି ଜାପାନ୍‌ର ରୁଇ ହିରୋକାମି ଓ ସାୟାକା ହୋବାରାଙ୍କ ମଧ୍ୟରେ ମୁକାବିଲା ହେବ ।

ମିଳିତ ବର୍ଗରେ ତନିଶା କ୍ରାଷ୍ଟୋ ଏବଂ ଧ୍ରୁବ କପିଲା ଓ ରୋହନ କପୁର ଏବଂ ଋତ୍ୱିକା ଶିଭାନି ଗଡେ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । କାନ୍ଧ ଯନ୍ତ୍ରଣା ଯୋଗୁଁ ଏଚ୍.ଏସ୍. ପ୍ରଣୟ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି ।